# ଏନ୍.ଆର.ଆର.ଆଇ ବାର୍ତା ଅଗଷ୍ଟ ୧-୧୫, ୨୦୨୩

# ରୋଗପୋକ ନିୟନ୍ତ୍ରଣ ଏବଂ ମୁଖ୍ୟଜମିରେ ଧାନରୁଆ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ଏନ୍.ଆର୍.ଆର୍.ଆଇ ବାର୍ତା କାର୍ଯ୍ୟକ୍ରମକୁ ମୁଁ ଜିତେନ୍ଦ୍ର ସେନାପତି ଏବଂ ମୁଁ ସନ୍ଧ୍ୟାରାଣୀ ଦଲାଲ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସ୍ୱାଗତ କରୁଛୁ । ଆସନ୍ତୁ ଆଜି ଆଲୋଚନା କରିବା କିଛି ରୋଗପୋକ ନିୟନ୍ତ୍ରଣ ଏବଂ ମୁଖ୍ୟଜମିରେ ଧାନରୁଆ ବିଷୟରେ ।

ଯେଉଁ ଚାଷୀଭାଇମାନେ ଧାନ ରୁଆ କାମ ସାରି ନାହାନ୍ତି, ତେବେ ଅଗଷ୍ଟ ମାସ ପ୍ରଥମ ପକ୍ଷ ଶେଷ ସୁଦ୍ଧା ରୁଆ କାମ ସଂପୂର୍ଣ୍ଣ କରିଦିଅନ୍ତୁ । ଡେରିରେ ଧାନ ରୁଆ କରୁଥିଲେ, ଛୋଟ ଧାନ କିସମର ୨୫ ରୁ ୩୦ ଦିନର ତଳି ଏବଂ ବଡଧାନ କିସମର ୪୫ ରୁ ୫୦ ଦିନର ତଳି ବ୍ୟବହାର କରନ୍ତୁ ।

ଚାଷୀଭାଇମାନେ ବିଶେଷଭାବେ ଧ୍ୟାନ ଦେବେ, ଯେଉଁ ଅଂଚଳରେ କମ୍ ବର୍ଷା ଯୋଗୁଁ ଜମି ଶୁଖିଲା ହୋଇଯାଇଛି ଏବଂ ଜଳସେଚନର  ସୁବିଧା ନାହିଁ, ସେଠାରେ ମାଟିର ବତର ଦେଖି ସାର ପ୍ରୟୋଗ କରନ୍ତୁ, ଜମି ଶୁଷ୍କ ଥିବା ସମୟରେ ସାର ଏବଂ ଘାସମରା ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

ତଳିଘେରାରେ ଖାଦ୍ୟସାର ଅଭାବଜନିତ ଲକ୍ଷଣ, ଯେପରିକି ପତ୍ର ହଳଦିଆ କିମ୍ବା ପତ୍ର ଅଗ ଖଇରିଆ ଦେଖାଗଲେ, ତେବେ ଜିଙ୍କ୍ ସଲଫେଟ୍ ୦.୫% ସହିତ + ୟୁରିଆ ୨.୫% ମିଶାଇ ଦ୍ରବଣ ପ୍ରସ୍ତୁତ କରି ସିଂଚନ କଲେ ହୃଷ୍ଟପୁଷ୍ଟ ତଳି ହୋଇଥାଏ ।

ଯଦି ତଳିଘେରାରେ ବାକାନୀ ରୋଗ ଦେଖାଗଲେ, ରୋଗିଣା ତଳିକୁ ମୂଳରୁ ଉପାଡି ଦିଅନ୍ତୁ ଏବଂ ତାପରେ କାର୍ବେଣ୍ଡାଜିମ୍ ୧୨% ସହିତ ମ୍ୟାଙ୍କୋଜେବ୍ ୬୩% ଡବ୍ଲ୍ୟୁ.ପି. ୨.୫ ଗ୍ରାମ୍ ଏକ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଯେଉଁ ଅଂଚଳରେ ମାଟିଆ ଗୁଣ୍ଡି ପୋକ ପ୍ରାର୍ଦୁଭାବର ସମ୍ଭାବନା ଅଧିକ ଥାଏ, ସେଠାରେ ୮ ରୁ ୧୦ ଟି ଧାଡି ଧାନ ରୋଇବା ପରେ ଏକ ଧାଡି ବ୍ୟବଧାନରେ ପୁଣି ରୋପଣ କରନ୍ତୁ ।

ଯଦି ତଳି ଘେରାରେ ମହିଷା ରୋଗ ଦେଖାଯାଏ, ତେବେ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋଅକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ ଏକ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଅଧିକ ଫଳପ୍ରଦ ପାଇଁ ପ୍ରଥମ ସିଂଚନର ୭ ରୁ ୧୦ ଦିନ ପରେ ପୁଣିଥରେ ଔଷଧ ପକାଇବା ଆବଶ୍ୟକ ।

କାଣ୍ଡବିନ୍ଧା  ପୋକ ଦେଖାଗଲେ ଏକର ପ୍ରତି ୨୦,୦୦୦ ଅଣ୍ଡା ଥିବା ୩ଟି ଟ୍ରାଇକୋଗାମା ଜାପୋନିକମ୍ କାର୍ଡ ୩ ଥର ବ୍ୟବହାର କରନ୍ତୁ । ଜମିରେ କାଣ୍ଡବିନ୍ଧା ଏବଂ ପତ୍ରମୋଡା ପୋକକୁ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ଗୋଟିଏ ଲାଇଟ୍ ଟ୍ରାପ୍ ବ୍ୟବହାର କରନ୍ତୁ । କାଣ୍ଡବିନ୍ଧା ପୋକର ସଂଖ୍ୟା ଜାଣିବା ପାଇଁ ଏକର ପ୍ରତି ୩ଟି ଫେରୋମନ୍ ଟ୍ରାପ୍ ଜମିରେ ରଖନ୍ତୁ ।

ଗୋଟିଏ ଦିନରେ ଯଦି ୪ ରୁ ୫ ଟି ପୁରୁଷ ପ୍ରଜାପତି ଯନ୍ତାରେ ପଡିବାର ଦେଖାଯାଆନ୍ତି, ତେବେ ଦାନାଦାର କୀଟନାଶକ କ୍ଲୋରାନ୍ ଟ୍ରାନିଲିପ୍ରୋଲ ୦.୪ ଜି ଏକର ପିଛା ୪ କି.ଗ୍ରା. ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ  କିମ୍ବା ନିମ୍ବ ମଞ୍ଜିରୁ ତିଆରି ଔଷଧ ଆଜାଡିରାକ୍ଟିନ୍ ୦.୧୫% ଇ.ସି କୁ ଏକର ପ୍ରତି ୮୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସଂଚନ କରନ୍ତୁ ।

ଯବକ୍ଷାରଜାନର ଉପାଦେୟତା ବୃଦ୍ଧିପାଇଁ ଏହାକୁ ସଠିକ୍ ମାତ୍ରାରେ ଏବଂ ସଠିକ୍ ସମୟରେ ପ୍ରୟୋଗ କରିବା ଉଚିତ୍ । ସେଥିପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ ରାଇସ୍ ଏନ୍ ଏକ୍ସପର୍ଟ ଆପ୍ ଗୁଗୁଲ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ୍ କରି ବ୍ୟବହାର କରନ୍ତୁ । ଏହାର ବ୍ୟବହାର ଦ୍ୱାରା ଯବକ୍ଷାରଜାନର ଉପଯୋଗୀ କ୍ଷମତାକୁ ବଢ଼ାଇ ଅଧିକ ଅମଳ ଓ ଲାଭ ପାଇପାରିବେ ।

ଆଜି ପାଇଁ ଏତିକି, ପୁଣି ଦେଖାହେବ ଆଗାମୀ ଅଧ୍ୟାୟରେ କିଛି ନୂଆ କୃଷି ସୂଚନା ନେଇ । ଆମକୁ ବିଦାୟ ଦିଅନ୍ତୁ । ଧନ୍ୟବାଦ ।

******